# D.A.V. PUBLIC SCHOOLS, BHUBANESWAR

## SUMMATIVE ASSESSMENT – I (2016-17)

## CLASS – VI

## SUB: HIGHER ODIA

*Time : 2 ½ hours* *Full Marks: 90*

**ସୂଚନା :**

- ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ଏବଂ ୧୧ଟି ପ୍ରଶ୍ନ ରହିଛି ।
- ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ ନମ୍ବର ଲେଖିବା ଆବଶ୍ୟକ ।
- ଅକ୍ଷର ସୁନ୍ଦର ଏବଂ ପରିଷ୍କାର ହେବା ଉଚିତ୍ ।

### 'କ' ବିଭାଗ

**୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପାଠ କରି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** (୫×୨=୧୦)

ଧନୀ ହେଉ କି ନିର୍ଦ୍ଧନ, ଉତ୍ତମ ସ୍ୱାସ୍ଥ୍ୟ ବିନା କେହି କୌଣସି କାର୍ଯ୍ୟ କରିପାରେ ନାହିଁ । ସ୍ୱାସ୍ଥ୍ୟ ଆମର ଅମୂଲ୍ୟ ସମ୍ପଦ । ତେଣୁ ତା'ର ଉପଯୁକ୍ତ ଯତ୍ନ ନେବା ଆମର ସର୍ବପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ । ବାଲ୍ୟକାଳରୁ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ବିଧେୟ । ମାନସିକ ଶାନ୍ତି, ସୁଷମ ଖାଦ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ନିର୍ମଳ ବାୟୁ ଇତ୍ୟାଦି ଉପରେ ଉତ୍ତମ ସ୍ୱାସ୍ଥ୍ୟ ନିର୍ଭର କରେ । ଏଥିପାଇଁ ବ୍ୟାୟାମର ମଧ୍ୟ ଖୁବ୍ ଆବଶ୍ୟକତା ରହିଛି । ଏହା ମଣିଷକୁ ଆନନ୍ଦ ପ୍ରଦାନ କରିବା ସହିତ ଶରୀରକୁ ନୀରୋଗ ରଖିବାରେ ସାହାଯ୍ୟ କରେ । ଏହାଛଡା ଆଜିକାଲି ଦେଖାଯାଉଥିବା ମାରାତ୍ମକ ଏଡିସ୍ ମଶାଙ୍କ ଉପଦ୍ରବରୁ ରକ୍ଷା ପାଇବା ନିମିତ୍ତ ସେମାନଙ୍କ ବାସସ୍ଥାନ ନିର୍ମୂଳ କରିବା ଆବଶ୍ୟକ । କୌଣସି ସ୍ଥାନରେ ବା ପାତ୍ରରେ ଜଳ ଜମି ରହୁଥିଲେ ତାହା ନିଷ୍କାସନ କରିବା କିମ୍ବା ସେହି ଜଳରେ କୀଟନାଶକ ଔଷଧ ପକାଇବା ଆବଶ୍ୟକ । ମଶା କାମୁଡାରୁ ରକ୍ଷା ପାଇବା ନିମନ୍ତେ ମଶାରି ବ୍ୟବହାର କରିବା ମଧ୍ୟ ଆବଶ୍ୟକ । ସ୍ୱାସ୍ଥ୍ୟ ପ୍ରତି ଅବହେଳା ପ୍ରଦର୍ଶନ କଲେ ଅସୀମ ଦୁଃଖ ଯନ୍ତ୍ରଣା ଭୋଗ କରିବାକୁ ପଡେ । ଶରୀର ରୁଗ୍ଣ ଓ ଦୁର୍ବଳ ହୋଇପଡେ । ସଂସାରରେ ସମସ୍ତ ବସ୍ତୁ ଅସାର ଓ ତୁଚ୍ଛ ମନେହୁଏ । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟ ଯେଉଁଠି ସମୃଦ୍ଧି ସେଇଠି । ତେଣୁ ସମସ୍ତେ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଚେତନ ହେବା ନିହାତି ଆବଶ୍ୟକ । ଏହାଦ୍ୱାରା ଦେଶ ଓ ଜାତିର ଆଶା, ଆକାଙ୍କ୍ଷା ପୂରଣ ହେବ ଏବଂ ଦେଶ ଉନ୍ନତି ପଥରେ ଆଗେଇ ଯିବ ।

(କ) ଆମର ସର୍ବପ୍ରଥମ କର୍ତ୍ତବ୍ୟ କ'ଣ ହେବା ଉଚିତ୍ ?

(ଖ) ଏଡିସ୍ ମଶାଙ୍କ ଉପଦ୍ରବରୁ ଆମେ କିପରି ରକ୍ଷା ପାଇ ପାରିବା ?

(ଗ) ସ୍ୱାସ୍ଥ୍ୟ ପ୍ରତି ଅବହେଳା ପ୍ରଦର୍ଶନ କଲେ କି ପରିଣାମ ଭୋଗ କରିବାକୁ ପଡିବ ?

(ଘ) ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମ କାହିଁକି ଆବଶ୍ୟକ ?

(ଙ) ସମସ୍ତେ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଚେତନ ହେଲେ କ'ଣ ଲାଭ ହେବ ?

୨. ତଳେ ଦିଆଯାଇଥିବା ପଦ୍ୟାଂଶଟିକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ଦିଅ । (୫×୧=୫)

ରୁଚୁ ନ ରୁଚୁ ଖାଇବ ପିତା
ବୁଝ ନ ବୁଝ ପଢ଼ିବ ଗୀତା,
କାହାରି ମନେ ନ ଦେବ ବ୍ୟଥା
ସଭିଙ୍କୁ କହିବ ମିଠା କଥା ।
ପଢ଼ିବ ପାଠ ନ କରି ମଠ
ତେବେ ହୋଇବ ଭଲ ଚାଟ,
ଭଲ ପାଇବ ସେବା କରିବ
କେବେ ନ ଭାବି ବଡ ଛୋଟ ।
ମନରୁ ତୁମ ହଟାଇ ଦେବ
ଗରବ ଅହଙ୍କାର
ଘାସ ପରିକା ନମନ ହେଲେ
ଚିତ୍ତ ହେବ ସୁନ୍ଦର ।

(କ) କ'ଣ କଲେ ତୁମେ ଭଲ ଚାଟ ହୋଇ ପାରିବ ?

(ଖ) ଗୀତା ପଢ଼ିବା ବିଷୟରେ କବିତାଂଶଟିରେ କ'ଣ କୁହାଯାଇଛି ?

(ଗ) ମନରୁ କ'ଣ ହଟାଇବା ପାଇଁ କୁହାଯାଇଛି ?

(ଘ) ସମସ୍ତଙ୍କୁ କିପରି ବ୍ୟବହାର ଦେଖାଇବା ଉଚିତ୍ ?

(ଙ) ଅନ୍ୟମାନଙ୍କର ସେବା କରିବା ସମୟରେ ମନରେ କିପ୍ରକାର ଭାବନା ରହିବା ଆବଶ୍ୟକ ?

୩. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । (୧×୧୦=୧୦)

ନଈ ବଢ଼ିର ଦୃଶ୍ୟ, ଦୂରଦର୍ଶନ, ବର୍ଷାଋତୁ

୪. ତୁମେ ଗ୍ରୀଷ୍ମଛୁଟି କିପରି କଟାଇବାକୁ ଚାହୁଁଛ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ। (୧×୫=୫)

କିମ୍ବା

ଚୋରି ହୋଇଥିବା ଜିନିଷର ଉଦ୍ଧାର ନିମନ୍ତେ ଭାରପ୍ରାପ୍ତ ଥାନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

୫. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

(କ) ଶବ୍ଦଗୁଡିକର ଅର୍ଥ ଲେଖ । (ଯେ କୌଣସି ୩ଟିର) (୩×୧=୩)

ଅଧବସାୟ, କୃତାର୍ଥ, ଲୁକ୍‌କାୟିତ, ଆଭାସ, ଅଧମ

(ଖ) ପ୍ରତିଶବ୍ଦ ଲେଖ । (ଯେ କୌଣସି ୩ଟିର) (୩×୧=୩)

ପିକ, ପୃଥିବୀ, କୁକୁଟ, ସୂର୍ଯ୍ୟ, ଗୋଟିକା

(ଗ) ବାକ୍ୟ ଗଠନ କର ।(ଯେ କୌଣସି ୪ଟିର) (୪×୧=୪)

ପରିପକ୍ୱ, ପ୍ରତିଭାବାନ, ଅରଣ୍ୟପ୍ରଦେଶ, ଓଜସ୍ୱିନୀ, ସୂତ୍ର, ଲହୁଲୁହ

୬. (କ) ତଳେ ଦିଆଯାଇଥିବା ବାକ୍ୟଗୁଡିକ କି ପ୍ରକାରର ବାକ୍ୟ ଚିହ୍ନାଅ ।(ଯେ କୌଣସି ୩ଟିର) (୩×୧=୩)

i. ଜ୍ଞାନୀ ଲୋକ ସବୁଠାରେ ପୂଜା ପାଏ ।

ii. ଯେପରି ବୁଣିବ, ସେପରି କାଟିବ ।

iii. ସେ ଭୋଜିକୁ ଗଲେ, ମାତ୍ର ଖାଇଲେ ନାହିଁ ।

iv. ମହାନଦୀ ଓଡିଶାର ବଡ ନଦୀ ।

v. ତୁମେ ଯଦି ଏ ପ୍ରଶ୍ନର ଉତ୍ତର ଦେବ, ପୁରସ୍କାର ପାଇବ ।

(ଖ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଯୁଗ୍ମ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । (ଯେ କୌଣସି ୩ଟିର) (୩×୧=୩)

(କ୍ରୀଡାକୌତୁକ, ଭଲମନ୍ଦ, ବିକାବିକି, ବାସନକୁସନ, ଜୀବଜନ୍ତୁ)

i. ଆମ ପିତାମାତା ଆମ ...................... କଥା ଚିନ୍ତା କରନ୍ତି ।

ii. ଜଙ୍ଗଲରେ ଅନେକ ...................... ଥାଆନ୍ତି ।

iii. ରୋଷେଇଘରେ ନାନା ରକମର ...................... ଥାଏ ।

iv. ପିଲାମାନେ ...................... ରେ ମାତିଛନ୍ତି ।

v. ଘରେ ଯାହା ଥିଲା ...................... ସରିଲାଣି ।

(ଗ) ସନ୍ଧିବିଚ୍ଛେଦ କର । (ଯେ କୌଣସି ୪ଟିର) (୪×୧=୪)

ବିଦ୍ୟାଳୟ, ପରୀକ୍ଷା, ମହେଶ, ସ୍ୱାଗତ, ଅର୍ଥୋପାର୍ଜନ, ପ୍ରତ୍ୟେକ

## 'ଖ' ବିଭାଗ

୭. ନିମ୍ନୋକ୍ତ ଦୁଇଟି ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିକର ଦୀର୍ଘ ଉତ୍ତର ଲେଖ । (୧×୮=୮)

(କ) ବନବାଣୀକୁ କାହିଁକି 'ଭାରତର ବାଣୀ'ବୋଲି କୁହାଯାଇଛି ?

(ଖ) 'ବ୍ରହ୍ମଚାରୀ ମୁଇଁ'ର ଭବିଷ୍ୟତ ଗଠନରେ ଲେଖକ କିପରି ସହାୟକ ହେଲେ ?

୮. ସରଳାର୍ଥ ଲେଖ । (ଯେ କୌଣସି ଗୋଟିକର) (୧×୫=୫)

(କ) ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ।

(ଖ) ବାଛୁରୀ ଚରାଇ ଯାଇ, କାଲି ପଥଶ୍ରମ ପାଇ
ଅଳସରେ ଅଛୁ ଶୋଇ, ଅଶକତ ହୁଏ କି ଶରୀର ହେ ।

୯. ନିମ୍ନଲିଖିତ ପ୍ରଶ୍ନଗୁଡିକର ସଂକ୍ଷିପ୍ତ ଉତ୍ତର ଲେଖ । (ଯେ କୌଣସି ୫ଟିର) (୫× ୩=୧୫)

(କ) ଆର୍କିମେଡିସ୍ ଏତେ ବିହ୍ୱଳ ହେବାର କାରଣ କ'ଣ ?

(ଖ) ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ କହୁଛନ୍ତି ?

(ଗ) ବୁଢା ବୟସରେ ବେଜର୍ କୋଡି ଶାବଳ ଧରି ଏତେ କାମ କରିବାର ଉଦ୍ଦେଶ୍ୟ କ'ଣ ଥିଲା ?

(ଘ) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ଙ) ବ୍ରହ୍ମଚାରୀ ମୁଇଁଙ୍କ ସହିତ ଲେଖକଙ୍କର ପୁଣି କେଉଁ ପରିସ୍ଥିତିରେ ସାକ୍ଷାତ ହେଲା ?

(ଚ) ଭାରତୀୟ ସଭ୍ୟତାର ପରିବର୍ତ୍ତନ ଯୋଗୁଁ ବନପ୍ରଦେଶ କିପରି ବଦଳିଛି ?

(ଛ) ଆଣ୍ଡାମାନରେ କଏଦୀମାନଙ୍କୁ କିପରି ଦଣ୍ଡ ଭୋଗ କରିବାକୁ ପଡୁଥିଲା ?

୧୦. **ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।** (୧×୫=୫)

(କ) 'ନ୍ୟାୟବିଚାର' ଗଳ୍ପରେ କାଜିଙ୍କ ଚରିତ୍ରରୁ ତୁମେ କି ପ୍ରକାର ଶିକ୍ଷା ପାଇଲ ଲେଖ ।

(ଖ) ଗିୟାସୁଦ୍ଦିନ୍ ବଲ୍‌ବନ୍ ଜଣେ ମହାନ ରାଜା ଥିଲେ । ନ୍ୟାୟ ବିଚାର ଗଳ୍ପର ଅନୁସରଣରେ ଏହା ପ୍ରମାଣ କର ।

୧୧. ପ୍ରଶ୍ନଗୁଡିକ ପଢି ଦିଆଯାଇଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୭×୧=୭)

(କ) ଭାରତୀୟ ଭାବୁକମାନେ କାହାକୁ ସମସ୍ତ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରିଛନ୍ତି ?

(i) ଋଷିମାନଙ୍କୁ (ii) ଶିଷ୍ୟମାନଙ୍କୁ (iii) ସଂସାରକୁ (iv) ପ୍ରକୃତିକୁ

(ଖ) କେଉଁଋତୁକୁ ସକଳ ଋତୁଙ୍କର ସାର ବୋଲି ଜଗନ୍ନାଥ ଦାସ ଭାଗବତରେ କହିଛନ୍ତି ?

(i) ଗ୍ରୀଷ୍ମ (ii) ବର୍ଷା (iii) ଶୀତ (iv) ବସନ୍ତ

(ଗ) 'ମୋ ଜୀବନର ଅଭୁଲାକଥା' ବିଷୟଟିକେଉଁ ପୁସ୍ତକରୁ ଗୃହୀତ ?

(i) ଓଡିଆ ଭାଷାର ଉପଭାଷା (ii) କଳିଙ୍ଗର ଆତ୍ମକଥା

(iii) ଗଙ୍ଗବଂଶର ଇତିହାସ (iv) ମୋ ଜୀବନର ସଂଗ୍ରାମ

(ଘ) ଆର୍କିମେଡିସ୍ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(i) ୱାସିଂଟନ୍ (ii) ବୋଷ୍ଟନ (iii) ରୋମ୍ (iv) ସିରାକ୍ୟୁଜ୍

(ଙ) ସଭରକର୍ କେଉଁ ଦଳ ଗଠନ କରିଥିଲେ ?

(i) ବନ୍ଧୁମେଳା (ii) ମିତ୍ରମେଳା (iii) ଛାତ୍ରମେଳା (iv) ଶିଷ୍ୟମେଳା

(ଚ) ଗୋପସୁତମାନେ ଶ୍ରୀକୃଷ୍ଣଙ୍କୁ କେଉଁ ନାମ ଧରି ଡାକୁଥିଲେ ?

(i) ଅଚ୍ୟୁତ (ii) ବାସୁଦେବ (iii) ବନମାଳୀ (iv) ଚକ୍ରଧର

(ଛ) ବନ୍ଦୀ ନିଜ ଦେହରୁ ଜାମାଟି କାଢି କେଉଁଠାରେ ଝୁଲାଇ ଦେଲେ ?

(i) କାନ୍ଥରେ (ii) ତାରରେ

(iiii) ଲୁହାଜାଲି ସାମ୍ନାରେ (iv) ଦର୍ପଣ ସାମ୍ନାରେ

XXX